# 2023

***Time - 3 hours***

***Full Marks - 80***

*Answer **all groups** as per instructions.*
*Figures in the right hand margin indicate marks.*
*Candidates are required to answer*
*in their own words as far as practicable.*

## GROUP - A

୧ । ଉପଯୁକ୍ତ ଉତ୍ତରମୂଳକ ଶବ୍ଦଦ୍ୱାରା ଶୂନ୍ୟସ୍ଥାନ ପୂରଣ କର । (ସମସ୍ତ)

[୧ × ୧୨

(କ) 'ଲୋକ ସଂସ୍କୃତି'କୁ ଇଂରାଜୀ ଭାଷାରେ ________ କୁହାଯାଏ ।

(ଖ) ପତଞ୍ଜଳି ________ ଗ୍ରନ୍ଥରେ ଲୋକଶବ୍ଦକୁ ସାଧାରଣ ଜନତା ଅର୍ଥରେ ବ୍ୟବହାର କରିଛନ୍ତି ।

(ଗ) ଲୋକଧାରା ________ ଶେଣୀରେ ବିଭକ୍ତ ହୋଇଛି ।

(ଘ) ଗୋପାଳମାନଙ୍କର ଗୀତ ହେଉଛି ________ ଗୀତ ।

(ଙ) ଲୋକଗୀତ ହେଉଛି ________ ଗୀତ ।

(ଚ) ________ ଗୀତ ମଙ୍ଗଳ ବିଧାନ ପାଇଁ ଗାନ କରାଯାଏ ।

(ଛ) ଲୋକକାହାଣୀ ଲୋକଙ୍କ ________ ସାହିତ୍ୟ ।

(ଢ) ଓଡ଼ିଆ ଲୋକକାହାଣୀକୁ ଡ. କୁଞ୍ଜବିହାରୀ ଦାଶ ମୁଖ୍ୟତଃ ________ ଭାଗରେ ବିଭକ୍ତ କରିଛନ୍ତି ।

(ଝ) ପଶୁପକ୍ଷୀ ସମ୍ପର୍କୀୟ କାହାଣୀଗୁଡ଼ିକ ________ ଗଳ୍ପ ଅନ୍ତର୍ଭୁକ୍ତ ।

(ଞ) ________ ହେଉଛନ୍ତି ନାଟ୍ୟଶାସ୍ତ୍ରର ପ୍ରଣେତା ।

(ଟ) ଲୋକନାଟକୁ ମୁଖ୍ୟତଃ ________ ଭାଗରେ ବିଭକ୍ତ କରାଯାଇଛି ।

(ଠ) ________ ହେଉଛନ୍ତି ଦଣ୍ଡଭୋକ୍ତାମାନଙ୍କର ପ୍ରଧାନ ଦେବତା ।

## GROUP - B

୨ । ଯେକୌଣସି ୮ଟି ପ୍ରଶ୍ନର ଉତ୍ତର ପ୍ରତ୍ୟେକକୁ ଦୁଇଟି କିମ୍ବା ତିନୋଟି ବାକ୍ୟ ମଧ୍ୟରେ ପ୍ରଦାନ କର । [୨ × ୮

(କ) ଲୋକ ସଂସ୍କୃତିର ଲୋକସାହିତ୍ୟ ସହିତ କିପରି ଘନିଷ୍ଠ ସମ୍ପର୍କ ରହିଛି ?

(ଖ) ବିଶ୍ୱର ଲୋକଚିତ୍ର ଅନୁଶୀଳନର କେତୋଟି ଧାରା ଅଛି ? ଏହାର ନାମ ଲେଖ ।

(ଗ) ଲୋକସାହିତ୍ୟ କେତୋଟି ବିଭାଗରେ ବିଭକ୍ତ କରାଯାଇଛି ଓ କଣ କଣ ?

(ଘ) ଲୋକକାହାଣୀ କେତେ ପ୍ରକାର ଓ ତାହା କଣ କଣ ?

(ଙ) ଶଗଡ଼ିଆ ଗୀତର ଭାବ ସଂକ୍ଷେପରେ ପ୍ରଦାନ କର ।

(ଚ) ଢଗଢମାଳି କେତେ ପ୍ରକାରର ?

(ଛ) ଓଷାବ୍ରତ କଥାର ଚିତ୍ର ପ୍ରଦାନ କର ।

(ଜ) ଲୋକନାଟକର ବିଶେଷତ୍ୱ କଣ ରହିଛି ?

(ଝ) ଲୋକନାଟକର ସର୍ବପ୍ରଥମ ଓ ପ୍ରଧାନ ବୈଶିଷ୍ଟ୍ୟ କଣ ?

(ଞ) ଦଣ୍ଡନାଟରେ କେଉଁ ଦେବତାଙ୍କୁ ପୂଜା କରାଯାଏ ? ଦଣ୍ଡନାଟ ଯେଉଁମାନେ କରନ୍ତି ତାଙ୍କୁ କଣ କୁହାଯାଏ ?

## GROUP - C

୩। ଯେକୌଣସି ୮ଟି ପ୍ରଶ୍ନର ଉତ୍ତର ପ୍ରତ୍ୟେକକୁ ୭୫ଟି ଶବ୍ଦ ମଧ୍ୟରେ ପ୍ରଦାନ କର।

[୩ × ୮

(କ) ସଂସ୍କୃତିର ସଂଜ୍ଞା ପ୍ରଦାନ କର।

(ଖ) କାନ୍ଦଣାଗୀତରେ ସାମାଜିକ ଚିତ୍ର ଓ ସଂସ୍କୃତି କିପରି ପ୍ରତିଫଳିତ ହୋଇଛି ? ଆଲୋଚନା କର।

(ଗ) ଲୋକକାହାଣୀରେ ଲୌକିକ କଥାର ମହତ୍ତ୍ୱ ପ୍ରତିପାଦନ କର।

(ଘ) ଲୋକକାହାଣୀର 'କଥାଭାଗ' ଆଲୋଚନା କର।

(ଙ) ଦାସକାଠିଆର ନାମକରଣ ସମ୍ପର୍କରେ ମତ ପ୍ରଦାନ କର।

(ଚ) ଦଣ୍ଡନାଟର ସ୍ୱରୂପ ଆଲୋଚନା କର।

(ଛ) ଘୋଡ଼ାନାଟର ସ୍ୱରୂପ ପ୍ରଦାନ କର।

(ଜ) ପାଲାର ସ୍ୱରୂପ ଆଲୋଚନା କର।

(ଝ) ଛଉନାଟର ବିଶେଷତ୍ୱ ପ୍ରତିପାଦନ କର।

(ଞ) ରାମଲୀଳାର ବିଶେଷତ୍ୱ ପ୍ରଦାନ କର।

## GROUP - D

୪। ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ପ୍ରତ୍ୟେକକୁ ୫୦୦ଟି ଶବ୍ଦ ମଧ୍ୟରେ ପ୍ରଦାନ କର।

(କ) ଲୋକସାହିତ୍ୟର ପ୍ରକାରଭେଦ ସମ୍ପର୍କରେ ଆଲୋଚନା କର। [୭

(ଖ) ଲୋକଗୀତର ବିଭିନ୍ନ ରସ ସମ୍ପର୍କରେ ବର୍ଣ୍ଣନା କର । [୭

(ଗ) ଓଡ଼ିଆ ଲୋକଗୀତରେ ନାରୀଜୀବନ ଚିତ୍ର ପ୍ରତିପାଦନ କର । [୭

(ଘ) ଓଡ଼ିଆ ଲୋକକାହାଣୀର ପ୍ରକାରଭେଦ ଆଲୋଚନା କର । [୭

(ଙ) ଲୋକକାହାଣୀର ବର୍ଣ୍ଣନା ବୈଚିତ୍ର୍ୟ ବର୍ଣ୍ଣନା କର । [୭

(ଚ) ଲୋକନାଟକର ସ୍ୱରୂପ ବା ବୈଶିଷ୍ଟ୍ୟ ଆଲୋଚନା କର । [୭

(ଛ) ଦଣ୍ଡନାଟର ନାମକରଣର ସାର୍ଥକତା ବିଚାର କର । [୭

(ଜ) ଲୀଳାନାଟକ ସମ୍ପର୍କରେ ବର୍ଣ୍ଣନା କର । [୭

No. of Printed Pages : 4 Sem-IV-Odia-CC-9(R&B)

# 2023

**Time - 3 hours**

**Full Marks - 80**

*Answer **all groups** as per instructions.*
*Figures in the right hand margin indicate marks.*
*Candidates are required to answer*
*in their own words as far as practicable.*

## GROUP - A

୧ । ଉପଯୁକ୍ତ ଉତ୍ତରମୂଳକ ଶବ୍ଦଦ୍ୱାରା ଶୂନ୍ୟସ୍ଥାନ ପୂରଣ କର । (ସମସ୍ତ)

[୧ × ୧୨

(କ) ରସ ନିଷ୍ପତ୍ତି ________ ଉପାଦାନ ସମ୍ପର୍କରେ ଭରତମୁନି କହି ନାହାନ୍ତି ।

(ଖ) ରସ କାବ୍ୟର ________ ଅଟେ ।

(ଗ) ଧ୍ୱନିବାଦର ପ୍ରବକ୍ତା ________ ।

(ଘ) 'ଲାଟୀ' ରୀତିର ପ୍ରବର୍ତ୍ତକ ________ ।

(ଙ) ________ କହିଥିଲେ "ସମସ୍ତ କଳାର ମୂଳତତ୍ତ୍ୱ ହେଉଛି ପ୍ରତୀକ" ।

(ଚ) ________ ସ୍ରଷ୍ଟାଙ୍କୁ କ୍ଲାସିକ୍ ସାହିତ୍ୟର ପ୍ରଥମ ପ୍ରବର୍ତ୍ତକ ଭାବେ ଗ୍ରହଣ କରାଯାଇଛି ।

(ଛ) କ୍ଲାସିସିଜିମ୍ ଶବ୍ଦ ________ ଶବ୍ଦରୁ ଆସିଛି ?

(ଜ) ଚିତ୍ରକଳ୍ପବାଦୀ ଆନ୍ଦୋଳନ ________ ଦେଶରୁ ଆରମ୍ଭ ହୋଇଥିଲା ?

P.T.O.

## GROUP - C

୩। ଯେକୌଣସି ୮ଟିର ଟିପ୍ପଣୀ ପ୍ରତ୍ୟେକକୁ ୭୫ଟି ଶବ୍ଦ ମଧ୍ୟରେ ପ୍ରଦାନ କର।

[୩ × ୮

(କ) ବିଭାବ

(ଖ) କରୁଣ ରସ

(ଗ) ଲକ୍ଷଣା

(ଘ) ପାଞ୍ଚାଳୀ ରୀତି

(ଙ) ଉତ୍‌ପ୍ରେକ୍ଷା ଅଳଙ୍କାର

(ଚ) କ୍ଲାସିକ୍‌ବାଦର ବୈଶିଷ୍ଟ୍ୟ

(ଛ) କ୍ଲାସିକ୍ ଓ ରୋମାଣ୍ଟିସିଜିମ୍ ମଧ୍ୟରେ ପାର୍ଥକ୍ୟ

(ଜ) ପ୍ରତୀକବାଦର ବୈଶିଷ୍ଟ୍ୟ

(ଝ) ଚିତ୍ରକଳ୍ପର ସଂଜ୍ଞା

(ଞ) ସଂଚାରୀ ଭାବ

## GROUP - D

୪। ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ପ୍ରତ୍ୟେକକୁ ୫୦୦ଟି ଶବ୍ଦ ମଧ୍ୟରେ ପ୍ରଦାନ କର।

(କ) ରସ ନିଷ୍ପତ୍ତି କିପରି ହୁଏ ଆଲୋଚନା କର। [୭

(ଖ) ଆନନ୍ଦ ବର୍ଦ୍ଧନ କାବ୍ୟାଲୋଚନାରେ ଧ୍ୱନିକୁ କାହିଁକି ଗୁରୁତ୍ୱ ପ୍ରଦାନ କରିଛନ୍ତି – ଆଲୋଚନା କର। [୭

(ଗ) 'ରୀତିରାତ୍ମା କାବ୍ୟସ୍ୟ' – ଉକ୍ତିର ଯଥାର୍ଥ ବିଚାର କର । [୭

(ଘ) ବକ୍ରୋକ୍ତିର ପ୍ରକାରଭେଦ ସମ୍ପର୍କରେ ଆଲୋଚନା କର । [୭

(ଙ) ଉପମା ଓ ରୂପକ ଅଳଙ୍କାର ମଧ୍ୟରେ ଥିବା ପାର୍ଥକ୍ୟ ସଦୃଷ୍ଟାନ୍ତ ଦର୍ଶାଅ । [୭

(ଚ) କ୍ଲାସିକ୍ ଓ ରୋମାଣ୍ଟିସିଜିମ୍ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । [୭

(ଛ) ଚିତ୍ରକଳ୍ପର ସଂଜ୍ଞା, ସ୍ୱରୂପ ଓ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କର । [୭

No. of Printed Pages : 4 Sem-IV-Odia-CC-10(R&B)

# 2023

**Time - 3 hours**

**Full Marks - 80**

*Answer **all groups** as per instructions.*
*Figures in the right hand margin indicate marks.*
*Candidates are required to answer*
*in their own words as far as practicable.*

## GROUP - A

୧ । ଉପଯୁକ୍ତ ଉତ୍ତରମୂଳକ ଶବ୍ଦଦ୍ୱାରା ଶୂନ୍ୟସ୍ଥାନ ପୂରଣ କର । (ସମସ୍ତ)

[୧ × ୧୨

(କ) ଦୁର୍ଯ୍ୟୋଧନଙ୍କ ପୁତ୍ରର ନାମ ________ ।

(ଖ) କୁନ୍ତୀଙ୍କର ପ୍ରଥମ ପୁତ୍ରର ନାମ ________ ।

(ଗ) ଦୁର୍ଯ୍ୟୋଧନଙ୍କୁ ମାଆ ଏବଂ ପୁଅ ଅନୁରୋଧ କରି ________ଙ୍କୁ ଅପମାନ ନ ଦେଇ ଫେରାଇବାକୁ କହିଛନ୍ତି ।

(ଘ) ଅବଧୂତ ________ ରାଜାଙ୍କୁ ଚବିଶି ଗୁରୁ ଉପାଖ୍ୟାନ ଶୁଣାଇଛନ୍ତି ।

(ଙ) ________ ସବୁକିଛିକୁ ଭକ୍ଷଣ କରିଥାଏ ।

(ଚ) ସଂସାର ମଧ୍ୟରେ ରହି ଅଧିକ ସ୍ନେହ ଆଶା ରଖିଲେ, ________ ପରି ବିନାଶ ହେବାକୁ ପଡ଼େ ।

(ଛ) 'ରସକଲ୍ଲୋଳ' କାବ୍ୟ ________ ଅକ୍ଷର ନିୟମରେ ରଚିତ ।

(ଜ) ଜଗନ୍ନାଥଙ୍କ କଣ୍ଠ ପ୍ରଦେଶକୁ କବି ________ ଉପମା ଦେଇଛନ୍ତି ?

(ଝ) କମ୍ବୁ କଟକର ରାଜା ________ ।

(ଞ) 'ମହାଯାତ୍ରା' କାବ୍ୟର ରଚୟିତାଙ୍କ ନାମ ________ ।

(ଟ) ସୀତାଙ୍କୁ ପାଇ ________ ନିଜକୁ ଭାଗ୍ୟବତୀ ମନେ କରିଥିଲେ ।

(ଠ) ________ ଶକ୍ତି କାଳଦ୍ୱାରା ଲୀନ ହୋଇଅଛି ।

## GROUP - B

୨ । ଯେକୌଣସି ୮ଟି ପ୍ରଶ୍ନର ଉତ୍ତର ସଂକ୍ଷେପରେ ପ୍ରଦାନ କର । [ ୨ × ୮

(କ) ସାରଳା ଦାସ କେଉଁ ରାଜାଙ୍କ ସମସାମୟିକ ଥିଲେ ଏବଂ କେଉଁଠି ଜନ୍ମଗ୍ରହଣ କରିଥିଲେ ?

(ଖ) ରକ୍ତନଦୀରେ କେଉଁ ବୀରଙ୍କ ଶରୀରର ତେଜ ବାଳଅର୍କ ପରି ଦୃଶ୍ୟମାନ ହେଉଥିଲା ?

(ଗ) ସତ୍ତ୍ୱଗୁଣକୁ କେଉଁ ଗୁଣଦ୍ୱାରା ମନୁଷ୍ୟ ଜୟ କରି ନିର୍ବାଣ ପ୍ରାପ୍ତ ହୋଇଥାଏ ?

(ଘ) ମର୍ତ୍ତ୍ୟମଣ୍ଡଳରେ କିଏ ଜନ୍ମ ନେଲେ ମୃତ୍ୟୁ ନିଶ୍ଚିତ ?

(ଙ) ପ୍ରଭୁ ଜଗନ୍ନାଥ କେଉଁ କେଉଁ ଅଳଙ୍କାରଦ୍ୱାରା ଭୂଷିତ ହୋଇଛନ୍ତି ବୋଲି କବି ଉଲ୍ଲେଖ କରିଛନ୍ତି ।

(ଚ) ଜଗନ୍ନାଥ ମହାପ୍ରଭୁ ନିଜର ଦଶଅବତାର ଲୀଳାକୁ ଭକ୍ତମାନଙ୍କ ନିକଟରେ କାହା ମାଧ୍ୟମରେ ଉପସ୍ଥାପନା କରିଥାନ୍ତି ?

(ଛ) 'ମହାଯାତ୍ରା'ର ସପ୍ତମ ସର୍ଗର ବିଷୟବସ୍ତୁ କିଏ କାହାକୁ କହିଛନ୍ତି ?

(ଜ) ସୀତାଦେବୀ କାହା ନିକଟରେ ଶରଣ ଯାଇଥିଲେ ଓ କାହିଁକି ?

(ଝ) ସକ୍ରେଟିସ୍‌ଙ୍କ ପରିଚୟ ସଂକ୍ଷେପରେ ପ୍ରଦାନ କର ।

(ଞ) ପ୍ରତିମା ନାୟକ ବାହାଘର ଭାଙ୍ଗିବାର କାରଣ କଣ ଥିଲା ?

## GROUP - C

୩। ଯେକୌଣସି ୮ଟିର ଉତ୍ତର ପ୍ରତ୍ୟେକକୁ ୭୫ଟି ଶବ୍ଦ ମଧ୍ୟରେ ପ୍ରଦାନ କର ।

[୩ × ୮

(କ) ଦୁର୍ଯ୍ୟୋଧନ କିଭଳି ଭାବରେ ରକ୍ତନଦୀ ପାର ହୋଇଥିଲେ ?

(ଖ) କିଏ ଶତେ ଭାର ରତ୍ନ ପ୍ରତିଦିନ ଦାନ ଦେଇଥାନ୍ତି ଓ କାହିଁକି ?

(ଗ) ସନ୍ନ୍ୟାସୀ ଅବଧୂତ, ବାଳକଠାରୁ କି ଶିକ୍ଷାପ୍ରାପ୍ତ ହୋଇଛନ୍ତି ?

(ଘ) ଅବଧୂତ, ଅଜଗର ସର୍ପକୁ ଗୁରୁ କହିବାର କାରଣ କଣ ?

(ଙ) ପ୍ରଭୁ ଜଗନ୍ନାଥଙ୍କ ନୟନ ଓ ଡୋଳାକୁ କବି କେଉଁ ଉପମା ଅଳଙ୍କାର ପ୍ରଦାନ କରିଛନ୍ତି ?

(ଚ) କାହାର ସୌନ୍ଦର୍ଯ୍ୟ କୋଟି କନ୍ଦର୍ପର ସୌନ୍ଦର୍ଯ୍ୟଠାରୁ ଅଧିକ ମନୋରମ ବର୍ଣ୍ଣନା କର ?

(ଛ) ଅମର୍ଷି କେଉଁମାନଙ୍କୁ ଜାତୀୟତାରେ ଅଭିମନ୍ତ୍ରିତ କରିଥିଲେ ଓ କାହିଁକି ?

(ଜ) ବେଲ୍ଲୁଁବେଲ ବନ ଉଜ୍ଜ୍ୱଳ ହେବାର କାରଣ କଣ ଥିଲା ?

(ଝ) ଦେବଦୂତମାନଙ୍କୁ କିଏ ଓ କାହିଁକି ଅମାନୁଷିକ ଦଣ୍ଡ ଦେଇଥାନ୍ତି ?

(ଞ) ଚକ୍ରବାକ କେବେ କାନ୍ଦେ ଓ କାହିଁକି ?

## GROUP - D

୪। ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ପ୍ରତ୍ୟେକକୁ ୫୦୦ଟି ଶବ୍ଦ ମଧ୍ୟରେ ପ୍ରଦାନ କର।

(କ) 'ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ' କବିତାରୁ ଦୁର୍ଯ୍ୟୋଧନଙ୍କ ଚରିତ୍ର ଆକଳନ କର। [୭

(ଖ) ଚବିଶ ଗୁରୁ ପ୍ରସଙ୍ଗ ଭାଗବତ ଗ୍ରନ୍ଥର ଅନ୍ତଃସ୍ୱର ନିଜ ଦୃଷ୍ଟିରୁ ବିଚାର କର। [୭

(ଗ) 'ରସକଲ୍ଲୋଳ' କାବ୍ୟର ପ୍ରଥମଛାନ୍ଦ ଅବଲମ୍ବନରେ କବିଙ୍କର ଭକ୍ତିଭାବନାର ପରିଚୟ ପ୍ରଦାନ କର। [୭

(ଘ) ପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ କବି 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ କିଭଳି ବର୍ଣ୍ଣନା କରିଛନ୍ତି ଆଲୋଚନା କର। [୭

(ଙ) 'ମହାଯାତ୍ରା' କାବ୍ୟର ସପ୍ତମ ସର୍ଗ ଆଧାରରେ ସେନାପତି ଅମର୍ଷଙ୍କ ବାଣୀର ମହତ୍ତ୍ୱ ବିଚାର କର। [୭

(ଚ) 'ମଙ୍ଗଳେ ଅଇଲା ଉଷା' କବିତାରୁ କବିଙ୍କର ପ୍ରକୃତି ଚିତ୍ରଣର ବିଶେଷତ୍ୱ ଦର୍ଶାଅ। [୭

(ଛ) 'ଯୁଗେ ଯୁଗେ ସତ୍ୟର ହିଁ ଜୟ' – ପଠିତ କବିତା ଅବଲମ୍ବନରେ ବିଚାର କର। [୭

(ଜ) ଯୁଦ୍ଧ ଆହତ ମଣିଷ ସମାଜର ବାସ୍ତବ ଚିତ୍ରକୁ ନେଇ 'ପ୍ରତିମା ନାୟକ' କବିତା ଗତିଶୀଳ, ବିଚାର କର। [୭

No. of Printed Pages : 4

**Sem-IV-Odia-GE-$B_2$(R&B)**

# 2023

***Time - 3 hours***

***Full Marks - 80***

*Answer **all groups** as per instructions.*
*Figures in the right hand margin indicate marks.*
*Candidates are required to answer*
*in their own words as far as practicable.*

## GROUP - A

୧ । ଉପଯୁକ୍ତ ଉତ୍ତରମୂଳକ ଶବ୍ଦଦ୍ୱାରା ଶୂନ୍ୟସ୍ଥାନ ପୂରଣ କର । (ସମସ୍ତ)

[୧ × ୧୨

(କ) ବୋହୂଟି ________ ଶଙ୍ଖା ବୁଢ଼ାଠାରୁ ଚାହୁଁଥିଲା ।

(ଖ) ମାଗୁଣିର ମଶିଣା ତଳୁ ________ ବାହାରିଥିଲା ।

(ଗ) ଘିନୁଆ ଗାମୁଛାରୁ ________ ବାହାର କରିଥିଲା ।

(ଘ) 'ଶାସ୍ତି' ଉପନ୍ୟାସ ________ ମସିହାରେ ପ୍ରକାଶ ପାଇଥିଲା ।

(ଙ) ଧୋବୀର ବାପାଙ୍କ ନାମ ________ ।

(ଚ) ________ଙ୍କ ସେବାଯତ୍ନରେ ଧୋବୀ ଭଲ ହେଲା ।

(ଛ) 'ଶେଷକଥା' ନାଟକର ମୁଖ୍ୟ ଚରିତ୍ରର ନାମ ________ ।

(ଜ) 'ଶେଷକଥା' ନାଟକରେ ________ଟି ଦୃଶ୍ୟ ଅଛି ।

P.T.O.

(ଝ) ଯାତ୍ରାପାର୍ଟିର ମ୍ୟାନେଜରଙ୍କ ନାମ ________ ।

(ଞ) ପାଠୁଆ ଓଡ଼ିଆଙ୍କ ନାକକୁ ବଟୁଆ ଗନ୍ଧଟା ________ ଦୂରରୁ ଗନ୍ଧାଏ ।

(ଟ) ________ ଲାଙ୍ଗୁଡ଼ଧରା ବଡ଼ଲୋକୀ, ବଡ଼ଲୋକୀ ନୁହେଁ ।

(ଠ) 'ସାଧୁସଙ୍ଗ' ପ୍ରବନ୍ଧର ପ୍ରାବନ୍ଧିକଙ୍କ ନାମ ________ ।

## GROUP - B

୨ । ଯେକୌଣସି ୮ଟି ପ୍ରଶ୍ନର ଉତ୍ତର ସଂକ୍ଷେପରେ ପ୍ରଦାନ କର । [ ୨ × ୮

(କ) 'ବୁଢ଼ାଶଙ୍ଖାରି' ଗଳ୍ପରେ ଗାଳ୍ପିକ ବୋହୂଟିର ବର୍ଣ୍ଣନା କିଭଳି କରିଅଛନ୍ତି ?

(ଖ) 'ମାଗୁଣୀର ଶଗଡ଼' ଗଳ୍ପରେ ଗାଳ୍ପିକ କଣ ବାର୍ତ୍ତା ଦେଇଛନ୍ତି ?

(ଗ) ଘିନୁଆ କାହାର କଟାମୁଣ୍ଡ କିଭଳି ଭାବରେ ନେଇ ସାହେବଙ୍କ ବଙ୍ଗଳାରେ ହାଜର ହୋଇଥିଲା ?

(ଘ) ଶେଷରେ ଧୋବୀ ଠାକରଙ୍କୁ କଣ କହିଛି ?

(ଙ) କାହାକୁ ସାଙ୍ଗରେ ନେଇ ସନିଆ ଗାଁ ଛାଡ଼ିଥିଲା ?

(ଚ) ମଉସା ! ଏ ପଣ୍ଡାବାବୁଟା କି ସାଂଘାତିକ ଲୋକ, ଏକଥା କିଏ କାହିଁକି କହିଛି ?

(ଛ) ବୁଢ଼ା ତା ଜନମଦିନଟା ବିଷୟରେ କଣ କହିଛି ?

(ଜ) 'ବାଇ ମହାନ୍ତି ପାଞ୍ଜି' ପ୍ରବନ୍ଧରେ କେଉଁ ରଚନାର ପ୍ରଭାବ ପଡ଼ିଛି ?

(ଝ) ବଟୁଆକୁ ପ୍ରାବନ୍ଧିକ କଣ ବୋଲି କହିଛନ୍ତି ?

(ଞ) 'ସାଧୁସଙ୍ଗ' ପ୍ରବନ୍ଧରେ ମନ୍ତ୍ରର ଚମତ୍କାରିତା ବିଷୟରେ କଣ କୁହାଯାଇଛି ?

## GROUP - C

୩ । ଯେକୌଣସି ୮ଟିର ଉତ୍ତର ପ୍ରତ୍ୟେକକୁ ୭୫ଟି ଶବ୍ଦ ମଧ୍ୟରେ ପ୍ରଦାନ କର । [୩ × ୮

(କ) ବୁଢ଼ା ଭୋ-ଭୋ ରଡ଼ି କରି ଉଠିଲା କାହିଁକି ?

(ଖ) ଶଗଡ଼ ବୋହିଲା ବେଳେ ମାଗୁଣି କେଉଁ କଥା କହି ସମସ୍ତଙ୍କୁ କନ୍ଦାଇ ପକାଏ ?

(ଗ) ଘିନୁଆକୁ ଶେଷରେ କିଭଳି ବକ୍‌ସିସ୍ ଦିଆଗଲା ?

(ଘ) ଧୋବୀ କାହିଁକି ଦୁଇ ହାତରେ ମୁହଁ ଘୋଡ଼ାଇ କାନ୍ଦିବାକୁ ଲାଗିଲା ?

(ଙ) କଇଁ ବାଇଆଣୀ ନିଜର କଳଙ୍କ କିଭଳି ଭାବରେ ନିଜ ତୁଣ୍ଡରେ ଗପିଲା ?

(ଚ) ଆଗକାଳରେ ବଟୁଆରେ ଲୋକମାନେ କଣ ନେଇ ବାହାରକୁ ଯାଉଥିଲେ ?

(ଛ) 'ଏମାନେ ଆମର ଗୁରୁ, ୟା'ଙ୍କ ପାଦ ଚାଟିବାରେ ଦୋଷ ନାହିଁ' – କାହାକୁ ଲକ୍ଷ୍ୟ କରି କୁହାଯାଇଛି ?

(ଜ) ନାଟ୍ୟକାର ନାରାୟଣ ସାହୁ

(ଝ) ଚୌଧୁରୀ ହେମକାନ୍ତ ମିଶ୍ର

(ଞ) ଗାଳ୍ପିକ ଗୋଦାବରୀଶ ମହାପାତ୍ର

## GROUP - D

୪ । ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ପ୍ରତ୍ୟେକକୁ ୫୦୦ଟି ଶବ୍ଦ ମଧ୍ୟରେ ପ୍ରଦାନ କର ।

(କ) 'ବୁଢ଼ା ଶଙ୍ଖାରି' ଗଳ୍ପରୁ ବୁଢ଼ା ଚରିତ୍ରର ଚିତ୍ରଣ କର । [୭

(ଖ) 'ମାଗୁଣିର ଶଗଡ଼' ଗଳ୍ପରେ ଗାଳ୍ପିକଙ୍କର ଅନ୍ତଃସ୍ୱର କିଭଳି ପ୍ରକାଶ ପାଇଛି – ଆଲୋଚନା କର । [୭

(ଗ) ଏକ ସାର୍ଥକ କ୍ଷୁଦ୍ରଗଳ୍ପ ଭାବରେ 'ଶିକାର' ଗଳ୍ପର ମୂଲ୍ୟାୟନ କର। [୭

(ଘ) 'ଶାସ୍ତି' ଉପନ୍ୟାସର ନାମକରଣର ସାର୍ଥକତା ବିଚାର କର। [୭

(ଙ) 'ଶେଷକଥା' ନାଟକରେ ନାଟ୍ୟକାରଙ୍କର ବାର୍ତ୍ତା କିଭଳି ପରିଲକ୍ଷିତ – ଆଲୋଚନା କର। [୭

(ଚ) 'ନିଜ ବାଟ ଧରି ନିଜ ଗୋଡ଼ରେ ଚାଲ' – ପଠିତ ପ୍ରବନ୍ଧରୁ ଶିକ୍ଷା ଗ୍ରହଣ କରି ଓଡ଼ିଆ ଜାତିର କିପରି ଉନ୍ନତି ହୋଇପାରିବ, ତାହା ଆଲୋଚନା କର। [୭

(ଛ) 'ସାଧୁସଙ୍ଗ' ପ୍ରବନ୍ଧରେ ପ୍ରାବନ୍ଧିକଙ୍କର ଦୃଷ୍ଟିଭଙ୍ଗୀ ବର୍ଣ୍ଣନା କର। [୭

(ଜ) କଇଁ ଚରିତ୍ରର ଚିତ୍ରଣ କର। [୭